## ସଂକ୍ଷେପରେ

### ପିତାବଳୀ ଠାକୁରାଣୀଙ୍କ ଯାତ୍ରା ପ୍ରସ୍ତୁତି

**ଛେଣ୍ଡିପଦା,୨୬।୮(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ପରଙ୍ଗସ୍ଥିତ ପିତାବଳୀ ଠାକୁରାଣୀଙ୍କ ବାର୍ଷିକ ପୂଜା ନିମନ୍ତେ ଗ୍ରାମ ସଭାପତି ବିପିନ ବିହାରି ପାତ୍ରଙ୍କ ସଭାପତିତ୍ୱରେ ଗ୍ରାମ କୋଠଘର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶବର ବେହେରା ବୈଠକ ପରିଚାଳନା କରିଥିଲେ। ଆସନ୍ତା ସୋମବାର ଠାକୁରାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ଅନୁଷ୍ଠିତ ହେବ। ତେଣୁ ଗ୍ରାମ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ନିମନ୍ତେ ଆଲୋଚନା କରାଯାଇଥିଲା। ସୋମବାର ପ୍ରଥମ ଦିବସରେ ପୂଜା ସମାପନ କରିବା ସହିତ ସନ୍ଧ୍ୟାରେ ଗ୍ରାମର ମା' ପିତାବଳୀ ନାଟ୍ୟ କାଳୀ ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୨ୟ ଦିନରେ କୁନିକୁନି ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ବ୍ୟବସ୍ଥା କରାଯାଇଛି। ଗ୍ରାମ୍ୟ କମିଟି ସମ୍ପାଦକ ବିପାସା ସାହୁ ଓ କୋଷାଧ୍ୟକ୍ଷ ଦାମୋଦର ମହାଖୁଡଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### କବି ରାଧାମୋହନ, ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

**ଅନୁଗୋଳ ଅଫିସ, ୨୬।୮:** ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି ମନ୍ଦିରରେ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ ଉତ୍ସବ ସହ ସ୍ୱାଧୀନତା ସଂଗ୍ରାମୀ ଜୟକୃଷ୍ଣ ମହାନ୍ତି ଏବଂ ବ୍ରଜସୁନ୍ଦର ଦାସଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଛାତ୍ରାବାସ ମୁଖ୍ୟ ଉପଦେଷ୍ଟା କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁ, ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସଂଗ୍ରାମୀମାନଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। କବି ରାଧାମୋହନ ଗଡ଼ନାୟକ ଅନୁଗୋଳ ମାଟିର ମହାକବି ତଥା ଓଡ଼ିଶାର ଜଣେ ଲୋକପ୍ରିୟ କବି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଲିପିକା ମହାପାତ୍ର, ଅଧ୍ୟାପକ ପ୍ରସନ୍ନ କୁମାର ଦାସ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ପ୍ରତିମା ନାୟକ, ମାମାଲି ଗଡ଼ନାୟକ, ମହେଶ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଚୋରା କୋଇଲା ଜବତ, ୩ ଗିରଫ




**ବଇଣ୍ଡା,୨୬।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇ ନିକଟରୁ ଗୁରୁବାର ରାତିରେ ଏକ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ୍ ହଣ୍ଡପା ପୋଲିସ ଜବତ କରିଛି। ଏଥିରେ ୧.୯ ଟନ୍ କୋଇଲା ଥିବା ଜଣାପଡିଛି। ଏଥିରେ ସମ୍ପୃକ୍ତ ଥିବା ବିହାରର ମନୋଜ କୁମାର, ଜରପଡା ଥାନା ଜେରେଙ୍ଗ ଅଞ୍ଚଳର ଜିତେନ୍ଦ୍ର ବେହେରା, ହଣ୍ଡପା ଥାନା ଘନପୁର ଅଞ୍ଚଳର ବିକାଶ ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୨୬/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଏକ ପିକଅପ୍ (ନଂ.ଓଡି୧୯-ଏସ୍-୦୬୯୧) ଯୋଗେ ସୁସବ ଅଞ୍ଚଳରୁ ଚୋରା କୋଇଲା ହଣ୍ଡପା ଅଞ୍ଚଳକୁ ଚାଲାଣ କରିବା ପାଇଁ ଅଣାଯାଉଥିବାବେଳେ ହଣ୍ଡପା ଥାନା ଏସ୍ଆଇ ସ୍ମୃତିରଞ୍ଜନ ନାୟକଙ୍କ ସମେତ କର୍ମଚାରୀମାନେ ଚଢାଉ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ

**କଣିହାଁ,୨୬।୮(ଡି.ଏନ.ଏ.):** କଣିହାଁ ବ୍ଲକ ବଡ଼ତ୍ରିବିଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ତଥା ଶିକ୍ଷକ ନୃସିଂହଚରଣ ପ୍ରଧାନଙ୍କ ଧର୍ମପତ୍ନୀ ହୀରାବତୀ ପ୍ରଧାନ (୯୨)ଙ୍କ ଗତ ଗୁରୁବାର ପରଲୋକ ହୋଇଛି। ହୀରାବତୀ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ଡାକ୍ତରଖାନା ତାଳଚେରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସୁକାନ୍ତ ଚନ୍ଦ୍ର ପ୍ରଧାନ, କିଶୋରଚନ୍ଦ୍ର ପ୍ରଧାନଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ନିଜ ଗ୍ରାମ ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ଶୋକର ଛାୟା ଖେଳିଯାଇଛି। ଶୋକାକୁଳ ପରିବେଶ ମଧ୍ୟରେ ସଙ୍ଗଡା ନଦୀ କୂଳରେ ଅନ୍ତିମ ସଂସ୍କାର କରାଯାଇଥିଲା।



# ମୁଖ୍ୟ ସମସ୍ୟା ମାଟି

**ଅନୁଗୋଳ ଅଫିସ, ୨୬।୮**

- ପାର୍ବଣ ପାଇଁ ଜୋର୍ ଧରିଲାଣି ମୂର୍ତ୍ତି ଗଢ଼ା
- ଦିନରାତି କାର୍ଯ୍ୟରେ ଲାଗିଛନ୍ତି କାରିଗର
- କୋଲକାତାରୁ ଅଣାଯାଉଛି ଗଙ୍ଗା କୂଳ ମାଟି

ପାଖେଇ ଆସିଲାଣି ପାର୍ବଣ। ଜୋର୍ ଧରିଲାଣି ମୂର୍ତ୍ତି ଗଢ଼ା। ଦିନରାତି କାର୍ଯ୍ୟରେ ଲାଗିଛନ୍ତି ରାଜ୍ୟ ଓ ରାଜ୍ୟ ବାହାରର କାରିଗର। ହେଲେ ମୁଖ୍ୟ ସମସ୍ୟା କରୁଛି ମାଟି। ନିଖୁଣ କାରିଗରି ପାଇଁ ଭଲ ମାଟି ଜରୁରୀ ହୋଇଥିଲେ ବି ଏହା ମିଳୁନି ଅନୁଗୋଳରେ। ନଡ଼ା ବି ଅମୂଲ ମୂଲ। ଏହାକୁ ନେଇ ଚିନ୍ତିତ ଅନେକ କାରିଗର କୋଲକାତାର ଗଙ୍ଗାନଦୀ କୂଳରୁ ବସ୍ ଯୋଗେ ବସ୍ତା ବସ୍ତା ମାଟି ଆଣୁଛନ୍ତି। ବିଶେଷକରି ମୂର୍ତ୍ତି ଦୋମାଟିଆ ବେଳେ ଏହାକୁ ବ୍ୟବହାର କରାଯାଉଥିବା କାରିଗରମାନେ କହିଛନ୍ତି।

ଆସନ୍ତା ୩୧ ତାରିଖରେ ଧରାବତରଣ କରିବେ ବିଘ୍ନ ବିନାଶନ। କରୋନା ପ୍ରଭାବ ସେପରି ନ ଥିବାରୁ ଦୀର୍ଘ ୨ ବର୍ଷ ପରେ ଧୁମ୍‌ଧାମରେ ପାଳନ ହେବ ଏହି ପୂଜା। ଏଥିପାଇଁ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସହରର ବିଭିନ୍ନ ସାହି, କ୍ଲବ ଆଦିରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି। ଚାରିଆଡ଼େ ଯେପରି ଉତ୍ସବର ମାହୋଲ। ଭଳିକି ଭଳି ମୂର୍ତ୍ତି ପାଇଁ ଦିଆଯାଇଛି ବରାଦ। ହାତରେ ଆଉ ଅଧିକ ଦିନ ନ ଥିବାରୁ ଅର୍ଡର ଅନୁଯାୟୀ କାର୍ଯ୍ୟରେ ଲାଗିପଡ଼ିଛନ୍ତି ଅନୁଗୋଳ ଓ ତାଳଚେରର ମୂର୍ତ୍ତି କାରିଗରମାନେ। ସେମାନଙ୍କ କହିବା ଅନୁଯାୟୀ, ତାଳଚେରରେ ଅକ୍ଷୟ ତୃତୀୟାଠାରୁ ଓ ଅନୁଗୋଳରେ ରଥଯାତ୍ରା ପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ। ଗଣେଶ ପୂଜା ତାଳଚେରର ଗଣପର୍ବ ହୋଇଥିବାରୁ ଏଠାରେ ବଡ଼ ବଡ଼ ମୂର୍ତ୍ତି ପାଇଁ ବେଶି ବରାଦ ମିଳିଥାଏ। ସେଥିପାଇଁ ୧୫ ଫୁଟିଆ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ତେବେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଲକ୍ଷ୍ୟରେ ରଖି ଦେଢ଼ ଫୁଟର ମୂର୍ତ୍ତି କାରିଗରମାନେ ନିର୍ମାଣ କରିଥାନ୍ତି। ସାଧାରଣତଃ ୨ ଶହରୁ ୧୦ ହଜାର ଟଙ୍କା ଯାଏ ଏହାର ମୂଲ୍ୟ ରଖାଯାଇଥାଏ। ତାଳଚେରରେ ୫୦ରୁ ଅଧିକ ମାଟି ଶିଳ୍ପୀ କାର୍ଯ୍ୟରେ ଲାଗିଥିବା ବେଳେ ଅନୁଗୋଳ ଦଶହରା ପଡ଼ିଆଠାରେ ମୂର୍ତ୍ତି କାରିଗରମାନେ ଦିନରାତି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ବହୁ ବଙ୍ଗୀୟ କାରିଗର ଅଛନ୍ତି। କେବଳ ଗଣେଶ ପୂଜାରେ ସହରରେ ଦେଢ଼ହଜାର ମୂର୍ତ୍ତି ବିକ୍ରି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ହାତରେ ଆଉ ମାତ୍ର ୪ ଦିନ ଥିବାରୁ ରାତି କେତେବେଳେ ପାହିଯାଉଛି ତାହା ସେମାନେ ଜାଣିପାରୁ ନାହାନ୍ତି। ହେଲେ ବର୍ଷ ବର୍ଷ ଧରି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଗଢୁଥିବା ଏହି କାରିଗରମାନେ ମାଟିକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି। ଭଲ ମାଟିର ଅଭାବ ଦେଖାଦେଇଥିବା ବେଳେ ପ୍ରଶାସନ ପକ୍ଷରୁ ମଧ ଧରପଗଡ଼ କରାଯାଉଛି। ବିଶେଷକରି ମୂର୍ତ୍ତିରେ ଚୂଡ଼ାନ୍ତ ସ୍ପର୍ଶ ଦେବା ପୂର୍ବରୁ ଦୋମାଟିଆ କରିବାକୁ ସେମାନେ ପୂର୍ବଭଳି ମାଟି ପାଉନାହାନ୍ତି। ତେଣୁ ଗଙ୍ଗାନଦୀ କୂଳରୁ ମାଟି ଆଣି କାମ ଚଳାଉଥିବା ମେଦିନପୁରର କାରିଗରମାନେ କହିଛନ୍ତି। ସେହିପରି ଆବଶ୍ୟକ ଅନୁଯାୟୀ ନଡ଼ା ମଧ ମିଳୁନାହିଁ। ଫଳରେ ଛେଣ୍ଡିପଦା ଅଞ୍ଚଳକୁ ଯାଇ ନଡ଼ା ବିଡ଼ା ପିଛା ୭ରୁ ୧୦ ଟଙ୍କାରେ କିଣିବାକୁ ପଡୁଛି। ଚଳିତବର୍ଷର ଲଗାଣ ବର୍ଷା ପାଇଁ ମଧ ମୂର୍ତ୍ତି ଗଢ଼ା କାମ ସାମାନ୍ୟ ମାନ୍ଦା ପଡ଼ିଯାଇଛି। ତଥାପି ପୂଜାକୁ ନେଇ ଅନୁଗୋଳ ଓ ତାଳଚେରର ଯୁବପିଢ଼ୀଙ୍କ ମଧ୍ୟରେ ଥିବା ଉତ୍ସାହକୁ ଦେଖି ନିର୍ଦ୍ଧାରିତ ସମୟ ପୂର୍ବରୁ ମୂର୍ତ୍ତି କାର୍ଯ୍ୟ ଶେଷ କରାଯିବ ବୋଲି କାରିଗରମାନେ ପ୍ରକାଶ କରିଛନ୍ତି।

**ଲୋକଙ୍କ ନିକଟରୁ ପ୍ରଶଂସା ମିଳୁଛି**



୨୨ ବର୍ଷ ହେବ ମୂର୍ତ୍ତି ନିର୍ମାଣ କରୁଛି। ପୂର୍ବପେକ୍ଷା ଅଧିକ କାରଗିର କାର୍ଯ୍ୟରେ ଲାଗିଛନ୍ତି। ଯୁବପିଢ଼ି ମଧ ଏଥିପ୍ରତି ଆଗ୍ରହ ଦେଖାଉଛନ୍ତି। ଭଲ ମୂର୍ତ୍ତି ପାଇଁ ଲୋକଙ୍କଠାରୁ ଅନେକ ପ୍ରଶଂସା ମିଳୁଛି। ହେଲେ ମାଟି ଓ ନଡ଼ା ସମସ୍ୟା ଯୋଗୁ ଏ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

-ମୁନା ମହାପାତ୍ର, କାରିଗର, ତାଳଚେର

**ସରଞ୍ଜାମ ଦରବୃଦ୍ଧି ବାଧୁଛି**



ପଶ୍ଚିମବଙ୍ଗ ମେଦିନପୁରରୁ ଆସି ଦୀର୍ଘ ୧୨ ହେଲା ଅନୁଗୋଳ ଦଶହରା ପଡ଼ିଆରେ ମୂର୍ତ୍ତି ନିର୍ମାଣ କରୁଛି। ଚଳିତବର୍ଷ ଭଲ ବ୍ୟବସାୟ ଆଶା ରହିଥିଲେ ମଧ ଲଗାଣ ବର୍ଷା ବାଧକ ସାଜୁଛି। ତେବେ ମାଟି, ନଡ଼ାଠାରୁ ଆରମ୍ଭ କରି ମୂର୍ତ୍ତି ପାଇଁ ଆବଶ୍ୟକ ସରଞ୍ଜାମର ଦର ବୃଦ୍ଧି କାରିଗରଙ୍କୁ ବାଧୁଛି।

-ମିଲନ କୁମାର ବର୍ମାନ, କାରିଗର, ମେଦିନପୁର

**ନୂଆ ନୂଆ କାମ ଆତ୍ମସନ୍ତୋଷ ଦେଉଛି**



୪ ବର୍ଷ ହେବ ମୂର୍ତ୍ତି କାମ କରୁଛି। ମାଟି ଚକଟିବା ଠାରୁ ଆରମ୍ଭ କରିଥିବା ଶେଷ ସ୍ପର୍ଶ ଦେବା ଯାଏ ସବୁ କାର୍ଯ୍ୟ ଶିଖି ସାରିଛି। ସାଧନା ରହିଲେ ଯେ କୌଣସି କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହେବ ନାହିଁ। ନୂଆ ନୂଆ କାମ କରୁଥିବାରୁ ଆତ୍ମସନ୍ତୋଷ ମିଳୁଛି।

-କାର୍ତ୍ତିକ, କାରିଗର, ଅନୁଗୋଳ

**ଗ୍ରାହକଙ୍କ ମନକୁ ପାଇଲେ କଷ୍ଟ ଦୂର ହୋଇଯିବ**



ମୂର୍ତ୍ତିଗୁଡ଼ିକରେ ଶେଷ ସ୍ପର୍ଶ ଦିଆଯିବା ଆରମ୍ଭ ହୋଇଛି। ୧୦ ବର୍ଷ ହେବ କାମ କରୁଥିବାରୁ ଆଉ କାରିଗରୀରେ ସମସ୍ୟା ହେଉନାହିଁ। ତେବେ ଲୋକଙ୍କ ଚାହିଦାକୁ ନଜରରେ ରଖି ଭିନ୍ନ ତଥା ଫିନିସିଂ ଦେବାକୁ ପଡୁଛି। ଏହା ଗ୍ରାହକଙ୍କ ମନକୁ ପାଇଲେ ସବୁ କଷ୍ଟ ଦୂର ହୋଇଯିବ।

-ସୁରେନ୍ଦ୍ର ମହାପାତ୍ର, ରଙ୍ଗ କାରିଗର, ତାଳଚେର

# ଜଳ ନିଷ୍କାସନ ବେଳେ ଉତ୍ତେଜନା

**ଛେଣ୍ଡିପଦା,୨୬।୮ (ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଖମାର ଗ୍ରାମ ବରସାହିର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ହେବ ୨ଫୁଟ ଉଚ୍ଚର ବର୍ଷା ପାଣି ଜମି ରହିଥିବାରୁ ତାହାକୁ ନିଷ୍କାସନ ପାଇଁ ସାହିବାସୀ ଦାବି କରିଥିଲେ। ଶୁକ୍ରବାର ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପାଣି ନିଷ୍କାସନ ବ୍ୟବସ୍ଥା କରିବା ବେଳେ ଉତ୍ତେଜନା ଦେଖାଦେଇଥିଲା।

ପ୍ରକାଶ ଯେ, ବରସାହିର ତଳି ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ ପରିବାରଙ୍କ ଚାଳ ଘର ରହିଛି। ଗତ ଲଗାଣ ବର୍ଷା ବେଳେ ସେହି ଚାଳ ଘର ପାଖ ଦେଇ ବିଲ ମାଳକୁ ପ୍ରବଳ ପାଣି ପ୍ରବାହିତ ହେଉଥିବା ବେଳେ ଚାଳଘରଗୁଡ଼ିକ ଭାଙ୍ଗି ଯିବା ଆଶଙ୍କା କରି ସମ୍ପୃକ୍ତ ପରିବାରମାନଙ୍କ ପକ୍ଷରୁ ଅବରୋଧ କରାଯାଇଥିଲା। ଫଳରେ ବର୍ଷା ଜଳ ଦୀର୍ଘଦିନ ହେଲା ସେଠାରେ ଜମି ରହିଥିଲା। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ବାଗଡିଆ ରାଜସ୍ୱ ନିରୀକ୍ଷକ ଯଜ୍ଞେଶ୍ୱର ସାହୁ, ଗ୍ରାମ ସଭାପତି ନେତ୍ରାନନ୍ଦ ଗଡନାୟକ, ସମ୍ପାଦକ ହେମନ୍ତ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡ଼ନାୟକ, ଧର୍ମେନ୍ଦ୍ର ବେହେରାଙ୍କ ସମେତ ବାଗଡିଆ ଫାଣ୍ଡି ପୋଲିସ ପହଞ୍ଚି ଜଳ ନିଷ୍କାସନ କରିବାକୁ ଉଦ୍ୟମ କରିଥିଲେ। ହେଲେ ଅବରୋଧକାରୀ ଏହାକୁ ବିରୋଧ କରିଥିଲେ। ତେବେ ପାଣି ନିଷ୍କାସନ ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯିବ ବୋଲି ତହସିଲଦାର ବୁଝାଶୁଝା କରିବା ପରେ ଜଳ ନିଷ୍କାସନ କରାଯାଇଥିଲା।



ଜମି ରହିଥିବା ବର୍ଷା ଜଳ।

# ୧୮୦ ୟୁନିଟ୍ ରକ୍ତ ସଂଗ୍ରହ



**ଆଠମଲ୍ଲିକ, ୨୬।୮ (ଡି.ଏନ.ଏ.)**

ଆଠମଲ୍ଲିକ ଥାନା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ନିରୋଦ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ପୋଲିସ କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ। ଡା. ନନ୍ଦନ କୁମାର ପଣ୍ଡା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସ୍ନିଗ୍ଧାରାଣୀ ସିଂ, ପୁଷ୍ପାଞ୍ଜଳି ବିଶି, ଆଟେଣ୍ଡାଣ୍ଟ ସୁଶାନ୍ତ କୁମାର ସାହୁ, ପୁରୁଷୋତ୍ତମ କେଶରୀ, ମୁକେଶ କୁମାର ଦେହୁରୀ, ଡାକ୍ତରଖାନା କର୍ମଚାରୀ ରବୀନ୍ଦ୍ର ନାଥ ମହାନ୍ତି, ମୀନକେତନ ରାଉଳ, ମାନସ କୁମାର ସାହୁ, ରାକେଶ ଦତ୍ତ ପ୍ରମୁଖ ସାମିଲ ହୋଇଥିଲେ। ସାମାଜିକ କର୍ମୀ ବିନୟ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

## ୭୦ ବୋତଲ କଫ୍ ଶିରଫ ଜବତ, ଜଣେ ଗିରଫ

**କଣିହାଁ,୨୬।୮(ଡି.ଏନ.ଏ.)**

ସମଲ ଥାନା ପୋଲିସ ସମଲ ବ୍ୟାରେଜ କଲୋନୀ ଇ-୫/୩୬ରେ ଚଢାଉ କରି ଗୁରୁବାର ୭୦ ବୋତଲ କଫ୍ ଶିରଫ ଜବତ କରିଛି। ଏହି ଘଟଣାରେ ସୁଲେଇପାଳ ଗ୍ରାମର ଯୋଗେଶ୍ୱର ସାମଲ ଓରଫ ଟୁନାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଚଢାଉରେ ସମଲ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନ, ଏସ୍ଆଇ କମଳାକ୍ଷ ନାୟକ, ଆରଏନ ମୁଣ୍ଡା, ଏଏସଆଇ ନୃସିଂହ ସାହୁ ପ୍ରମୁଖ ସାମିଲ ଥିଲେ। ଏ ନେଇ କେସ୍ ନଂ.୨୪୬/୨୨ରେ ମାମଲା ରୁଜୁ ହୋଇଛି।



# ଉନ୍ନତ ରୋଗୀ ସେବା ପାଇଁ ପରାମର୍ଶ

**ଛେଣ୍ଡିପଦା,୨୬।୮(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ସହ ରୋଗୀଙ୍କୁ ଉନ୍ନତ ମାନର ସେବା ଯୋଗାଇବା ଲାଗି ବିଧାୟକ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ପାଣି ବୈଠକ ପରିଚାଳନା କରିଥିବା ବେଳେ ସମସ୍ତ ସଭ୍ୟାସଭ୍ୟ ଓ କର୍ମଚାରୀଙ୍କ ଉପସ୍ଥିତି ରହି ଆଲୋଚନା କରିଥିଲେ। ଡାକ୍ତରଖାନାର ରଙ୍ଗ, ଡ୍ରେନେଜ, ମାଇକ୍ରୋସ୍କୋପ ଓ ସିବିସି ମେଶିନ କିଣିବା ପାଇଁ ଅନୁମତି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀରଞ୍ଜନ କୁମାର ସେଠୀ, ସରପଞ୍ଚ ଉଦିତ କୁମାର ପ୍ରଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ଶିବପ୍ରସାଦ ମାଝି, ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ସୁପରଭାଇଜର ପ୍ରଭାତୀ ସାହୁ, ଜେଏସ୍‌ପିଏଲ୍ ସିଏସ୍ଆର୍ ଅଧିକାରୀ ପୁଷ୍ପା ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କିପରି କାୟାକଳ୍ପ ପୁରସ୍କାର ପାଇବ ସେନେଇ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିପିଏମ ସଞ୍ଜୟ କୁମାର ବେହେରା, ଆୟୁଷ ଡାକ୍ତର ସଞ୍ଜୀବ ସାହୁ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ହେମନ୍ତ କୁମାର ସାହୁ, ଗୋଷ୍ଠୀ ହିସାବ ରକ୍ଷକ ନିରାକାର ସାହୁ, ସମିତି ସଭ୍ୟ ବାନାମ୍ବର ଦେହୁରୀ, ଦିଲୀପ କୁମାର ସାହୁ, ଲକ୍ଷ୍ମଣ ବେହେରା, ସଭ୍ୟା ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




# ନିଯୁକ୍ତି ମେଳାରେ ୧୮୬ ଜଣଙ୍କୁ ଚୟନ

**ଛେଣ୍ଡିପଦା,୨୬।୮(ସ୍ୱ.ପ୍ର.)**

ଛେଣ୍ଡିପଦା ପଞ୍ଚାୟତ ପରିସରରେ ଶୁକ୍ରବାର ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ସ୍ଥାନୀୟ ଜିଲାପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେକାର ଯୁବତୀ ଯୁବକମାନଙ୍କୁ ଦକ୍ଷତା ବିକାଶ ଭିତ୍ତିକ ତାଲିମ ନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଓଏଲ୍ଏମ୍‌ର ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରମାଦ ବେହେରା ତାଲମ ପ୍ରକ୍ରିୟାରେ ସାମିଲ ପାଇଁ ପାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ୩ଟି ତାଲିମ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇ ଉପସ୍ଥିତ ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ମୋଟ ୩୦୬ ଜଣ ପ୍ରାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୧୮୬ ଜଣଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ଓଏଲ୍ଏମ୍‌ର ବ୍ଲକ ଜୀବିକା ସଂଯୋଜକ ସଞ୍ଜୟ କୁମାର ସାହୁ, ପଞ୍ଚାନନ ସାହୁ, ସଂଯୋଜୀକା ହିରଣ୍ମୟୀ ପ୍ରଧାନ, ଦକ୍ଷତା ବିକାଶ ସଂଯୋଜକ ସୁବ୍ରତ କୁମାର ସାହୁ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ନିଯୁକ୍ତି ମେଳାରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ



**ବଇଣ୍ଡା,୨୬।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ନିକଟସ୍ଥ କରଡାବଣି ସାହିଠାରେ ଡକାୟତି ଯୋଜନା କରୁଥିବାବେଳେ ଗୁରୁବାର ବଇଣ୍ଡା ଫାଣ୍ଡି ପୋଲିସ ଚଢାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ସଦା ପ୍ରଧାନ, ଝାରୁ ପ୍ରଧାନ, ଧୁଣ୍ଡି ଗ୍ରାମର ହାପି ସାହୁ, ବିଚିତ୍ରା ଭୋଇ, ଅଭି ସାହୁ। ପୋଲିସ ନଂ. ୨୨୭/୨୨ରେ ଏକ ମାମଲା ରୁଜୁ କରି ଶୁକ୍ରବାର ସମସ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଭୁଜାଲି, ଶାବଳ, ଛୁରି, ବାଇକ ଓ ଟାଟାଏସି ଜବତ କରାଯାଇଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ସମ୍ପୃକ୍ତ ୫ ଜଣ କରଡାବଣି ସାହିଠାରେ ବଇଣ୍ଡା ଅଞ୍ଚଳରୁ ଏକ ବଡ ଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିବା ଖବରପାଇ ବଇଣ୍ଡା ଫାଣ୍ଡି ପୋଲିସ ଟିମ୍ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା।

# ହୋଣ୍ଡା ଶୋ'ରୁମ୍ ଉଦ୍‌ଘାଟିତ

**ଆଠମଲ୍ଲିକ, ୨୬।୮ (ଡି.ଏନ.ଏ.)**

ଆଠମଲ୍ଲିକ-ବଇଣ୍ଡା ରାଜ୍ୟ ରାଜପଥର ହରିଡ଼ାନାଳି ନିକଟରେ ମମତା ହୋଣ୍ଡା ଶୋ'ରୁମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ହୋଣ୍ଡା ମୋଟର ସାଇକେଲ ଓ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଓଡ଼ିଶା ଜୋନାଲ ମ୍ୟାନେଜର ରାଜେଶ ଚୌଧୁରୀ, ଓଡ଼ିଶା ଜୋନାଲ ମ୍ୟାନେଜର (ଗ୍ରାହକ ସେବା) ଶିବ ପ୍ରତାପ ସିଂ, ସେକ୍ସନ ହେଡ୍ ହିମାଂଶୁ ସିହ୍ନା, ବିକ୍ରୟ ଏରିଆ ଇନଚାର୍ଜ ଅମିତ ମହାପାତ୍ର, କୁମାର ଶୁଭେନ୍ଦୁ, ଅକ୍ଷୟ ପ୍ରସାଦ କଦମଙ୍କ ସମେତ ଶୋ'ରୁମ ମାଲିକ ଘାଷିରାମ ମହାକୁଡ଼ ଉପସ୍ଥିତ ରହି ଶୋ'ରୁମର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରଠାରୁ ୭ଟି ଗାଡି ବିକ୍ରୟ ପର୍ଯ୍ୟନ୍ତ ଆକର୍ଷଣୀୟ ଉପହାର ଦିଆଯିବା ସହିତ ଏଚ୍‌ଡିଏଫସି, ଆଇସିଆଇସିଆଇ ଓ ମନ୍ନପୁରଣ ବ୍ୟାଙ୍କ ଜରିଆରେ ସହଜ ଏବଂ ସରଳ ଉପାୟରେ ଋଣରେ ଗାଡ଼ି ନେଇ ପାରିବାର ସୁଯୋଗ ଗ୍ରାହକଙ୍କ ପାଇଁ ରହିଛି ବୋଲି ଶୋ'ରୁମ୍ ପକ୍ଷରୁ କୁହାଯାଇଛି। ଆଠମଲ୍ଲିକରେ ପ୍ରଥମ କରି ହୋଣ୍ଡା ଶୋ'ରୁମ୍ ଖୋଲିଥିବାରୁ ଦୁଇଚକିଆ ଯାନ ଗ୍ରାହକ ମଧ୍ୟରେ ଉତ୍ସାହ ଦେଖାଦେଇଛି।




ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

# ହୋଣ୍ଡା ଆକ୍ଟିଭା ପ୍ରିମିୟମ୍ ସ୍କୁଟର ବଜାର ପ୍ରବେଶ

**ଅନୁଗୋଳ ଅଫିସ, ୨୬।୮**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଅନୁଗୋଳ ଲକ୍ଷ୍ମୀ ହଣ୍ଡାଠାରେ ହଣ୍ଡାର ବହୁ ପ୍ରତୀକ୍ଷିତ ହୋଣ୍ଡା ଆକ୍ଟିଭା ପ୍ରିମିୟମ୍‌ର ବଜାର ପ୍ରବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହୋଣ୍ଡା କମ୍ପାନୀ (ଜୋନାଲ ମ୍ୟାନଜେର ସେଲ୍) ରାଜେଶ ଚୌଧୁରୀ, ଏରିଆ ଇନ୍‌ଚାର୍ଜ ସେଲ୍ ଅମିତ କୁମାର ମହାପାତ୍ର, ଅଭିଷେକ ଉପାଧ୍ୟାୟଙ୍କ କରକମଳରେ ଏହି ବଜାର ପ୍ରବେଶ ହୋଇଥିଲା। ହୋଣ୍ଡା ଆକ୍ଟିଭା ପ୍ରିମିୟମ ଆକର୍ଷଣୀୟ ଷ୍ଟାଇଲ ଏବଂ ଉନ୍ନତ ମାନର ମାଇଲେଜ ଦେଇଥାଏ। ଏହି ଗାଡ଼ି ୩ଟି ରଙ୍ଗ ପିଏସ୍ ବ୍ଲୁ, ମ୍ୟାଟ୍ ସନଗରିଆ ରେଡ ମେଟାଲିକ୍ ଓ ମ୍ୟାଟ ମାର୍ସଲ ଗ୍ରୀନ୍ ମେଟାଲିକ ରଙ୍ଗରେ ଉପଲବ୍ଧ ହେଉଛି। ଏହି ଗାଡ଼ି ଗୋଲଡେନ୍ ଫିନିସ୍ ଷ୍ଟିଲ ରିମ୍ ସହିତ ବ୍ଲାକ କୋଟେଡ ଫ୍ରଣ୍ଟ ସସ୍‌ପେନ୍‌ସନ୍ ଆଦି ଅତ୍ୟାଧୁନିକ ଗୁଣବତ୍ତାରେ ଭରପୁର ରହିଛି।




ହଣ୍ଡା ଆକ୍ଟିଭା ପ୍ରିମିୟମ୍‌ର ବଜାର ପ୍ରବେଶ କରାଯାଉଛି।

ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୭୮ ହଜାର ୫୨୩ ଟଙ୍କାରୁ ଆରମ୍ଭ ହେଉଛି। ପୁରୁଣା ଗାଡ଼ିକୁ ଏକ୍ସଚେଞ୍ଜ ଏବଂ ନୂଆ ଗାଡ଼ି କିଣିବାକୁ ଫାଇନାନ୍ସ ସୁବିଧା ରହିଛି। ଭବିଷ୍ୟତରେ ଆହୁରୀ ଅତ୍ୟାଧୁନିକ ଗାଡ଼ି ସହିତ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଆମର ଲକ୍ଷ୍ୟ ବୋଲି ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ କହିଛନ୍ତି। ଏହି ବଜାର ପ୍ରବେଶ ଉତ୍ସବରେ ସହରର ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ସମସ୍ତ ଗ୍ରାହକ ଓ ଅତିଥିଙ୍କୁ ଲକ୍ଷ୍ମୀ ହଣ୍ଡା ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ସଂକ୍ଷେପରେ

### ଦୋକାନୀଙ୍କୁ ମାଡ଼ମାରି ଟଙ୍କା ଲୁଟ୍

**ଢେଙ୍କାନାଳ ଅଫିସ, ୨୬।୮:** ଢେଙ୍କାନାଳ ବସଷ୍ଟାଣ୍ଡସ୍ଥିତ ତେଜରାତି ଦୋକାନୀ ଶଙ୍କର୍ଷଣ ମହାନ୍ତିଙ୍କୁ ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ୩ ଜଣ ଦୁର୍ବୃତ୍ତ ମାଡ଼ମାରି ୫ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ରାତି ୧୦ଟା ୨୦ରେ ଶଙ୍କର୍ଷଣ ଦୋକାନ ବନ୍ଦ କରୁଥିବା ବେଳେ ସମ୍ପୃକ୍ତ ୩ ଅଭିଯୁକ୍ତ ଏକ ବାଇକ୍‌ରେ ଆସି କିଛି ସାମଗ୍ରୀ ମାଗିଥିଲେ। ଫୋନ୍ ପେ'ରେ ପେମେଣ୍ଟ କରିବା ପାଇଁ ମୋବାଇଲ୍ ବାହାର କରିଥିଲେ। ତେବେ ଶଙ୍କର୍ଷଣଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ୨ଜଣ ଅଭିଯୁକ୍ତ ତାଙ୍କ ବେକକୁ ମାଡ଼ି ବସିଥିଲେ। ଅନ୍ୟ ଜଣେ କ୍ୟାଶ କାଉଣ୍ଟରରୁ ୫ ହଜାର ଟଙ୍କା ନେଇ ଆସିଥିଲେ। ଏହାପରେ ସେମାନେ ବାଇକ୍‌ରେ ଫେରାର ହୋଇଯାଇଥିଲେ। ସୂଚନା ପାଇ ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ଅଦ୍ୟାବଧି ଅଭିଯୁକ୍ତ ଧରାପଡ଼ି ନ ଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ସୋମବାର କାମାକ୍ଷାନଗରରେ ଜନ ଅଭିଯୋଗ ଶୁଣାଣି

**ଢେଙ୍କାନାଳ ଅଫିସ, ୨୬।୮:** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳ, ଏସ୍‌ପି, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିବେ। ଯଦି ଅଞ୍ଚଳବାସୀଙ୍କ କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ପ୍ରଥମେ ସମ୍ପୃକ୍ତ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ସିଧାସଳଖ କୌଣସି ହିତାଧିକାରୀ ଜନଶୁଣାଣି ଶିବିରକୁ ଆସି ଆପତ୍ତି ଅଭିଯୋଗ ନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### କାର୍ ଧକ୍କାରେ ଯୁବକ ମୃତ

**ରାସୋଳ, ୨୬।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ନାଉକିଆରୀ ଛକ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶୁକ୍ରବାର ଅପରାହ୍ନରେ କାର୍ ଧକ୍କାରେ ଜଣେ ମୋପେଡ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଲିବୋରେଇ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଲିପୁନ ସାମଲ (୨୨)। ଲିପୁନ ଏକ ମୋପେଡ୍‌ରେ ରାସୋଳ ଅଭିମୁଖେ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଉକ୍ତ କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏ ନେଇ ବିଧିବଦ୍ଧ ଭାବେ ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ୩୧ରେ ଉଠିବ ଶୁଭ ମାଟି



ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାବୃନ୍ଦ।

**ଭୁବନ, ୨୬।୮(ଡି.ଏନ୍.ଏ.)**

**ପ୍ରସିଦ୍ଧ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ**
- ଭୁବନ ଇତିହାସରେ ଯୋଡ଼ିହେବ ନୂଆ ପରମ୍ପରା
- ମାଟି ଉଠାଣରେ ସାମିଲ ହେବେ ସମସ୍ତ ପୂଜା ପ୍ରତିଷ୍ଠାନ
- ଚଳିତବର୍ଷ ୧୩ ମଣ୍ଡପରେ ପୂଜାର୍ଚ୍ଚନା, ୨ ନୂଆମେଢ଼

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ ଦଶହରା ମହୋତ୍ସବ ଏବଂ ବଳଦଯାତ୍ରାରେ ଯୋଡ଼ି ହେବାକୁ ଯାଉଛି ନୂଆ ପରମ୍ପରା। ପୂର୍ବରୁ ବିଭିନ୍ନ ଦିବସରେ ପୂଜା ପ୍ରତିଷ୍ଠାନଗୁଡ଼ିକ ନିଜ ସୁବିଧା ଅନୁଯାୟୀ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଲାଗି ଶୁଭ ମାଟି ଅନୁକୂଳ କରୁଥିଲେ। ଚଳିତ ବର୍ଷ ପ୍ରଥମଥର ସମସ୍ତ ପୂଜା କମିଟି ଏକାଦିନରେ ମାଟି ଉଠାଇବେ। ଏଥିଲାଗି ଅଗଷ୍ଟ ୩୧ ଦିନଧାର୍ଯ୍ୟ କରାଯାଇଥିବାବେଳେ ସମସ୍ତ ପୂଜା ମଣ୍ଡପର କର୍ମକର୍ତ୍ତା ଏଥିରେ ସହମତି ପ୍ରକାଶ କରିଛନ୍ତି।

କରୋନା ପାଇଁ ୨ ବର୍ଷ ହେଲା ବନ୍ଦ ଥିବା ଭୁବନର ଐତିହାସିକ ବଳଦଯାତ୍ରା ଏବଂ ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ମହାଆଡ଼ମ୍ବରରେ ପାଳିତ ହେବ। ପୁନର୍ବାର ଉଜ୍ଜୀବିତ ହେବ ମଣିଷ ଏବଂ ଭାରବାହୀ ପ୍ରାଣୀଙ୍କ ମଧ୍ୟରେ ରହିଥିବା ସମ୍ପର୍କ। ମାଟି ଉଠାଣଠାରୁ ଭସାଣି ଯାଏ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମାପନ କରିବା ଲାଗି ଏବେଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି। ଶୁକ୍ରବାର ସ୍ଥାନୀୟ କାଳୀବଜାର ସଭାଗୃହରେ ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଛି। ଭୁବନ ଏନ୍‌ଏସିରେ ୧୦ଟି ଏବଂ ସହର ଉପକଣ୍ଠ ଗଡ଼ଗହମପୁରରେ ଗୋଟିଏ ଏଭଳି ସବୁବର୍ଷ ୧୧ଟି ମଣ୍ଡପରେ ପୂଜାର୍ଚ୍ଚନା ହେଉଥିଲା। ଚଳିତବର୍ଷ ବିପ୍ପ ମହାନ୍ତି ଛକ ଏବଂ ନୂଆଭୁବନ ମଝିସାହି ଏଥିରେ ସାମିଲ ହୋଇଛନ୍ତି। ଫଳରେ ମୋଟ ମେଢ଼ ସଂଖ୍ୟା ୧୩ରେ ପହଞ୍ଚିଛି।

ସେନସାହି ପୂଜା ପ୍ରତିଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଶ୍ରୀଧର ବେହେରା ବୈଠକରେ ଅଧ୍ୟକ୍ଷତା କରି ଶୁଭ ମାଟି ଅନୁକୂଳ ବିଷୟରେ ଆଲୋଚନା କରିଥିଲେ। ଅଗଷ୍ଟ ୩୧ ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ସମସ୍ତ ପୂଜା ମଣ୍ଡପର କର୍ମକର୍ତ୍ତା ଦୁର୍ଗାଛକଠାରେ ପହଞ୍ଚିବେ। ସେଠାରୁ ଏକ ବିଶାଳକାୟ ଶୋଭାଯାତ୍ରା ବାହାରି ନିର୍ଦ୍ଧାରିତ ରୁଟ୍‌ରେ ସହର ପରିକ୍ରମା କରିବ। ବାଜି ଛକ, ପଦ୍ମପୋଖରୀ ଦେଇ ଉକ୍ତ ଶୋଭାଯାତ୍ରା ରଗଡ଼ି ନାଳ ନିକଟରେ ପହଞ୍ଚିବ। ସେଠାରେ ପାରମ୍ପରିକ ନୀତିନିୟମ ଅନୁଯାୟୀ ପୂଜାର୍ଚ୍ଚନା ପରେ ମାଟି ଉଠାଯିବ। ଏଥିରେ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ ଦଳ ସାମିଲ ହେବେ। ମାଟି ଉଠାଯିବା ପରେ ବଡ଼ହାଟ-ଗୁଜୁରୀହାଟ-ନୂଆବଜାର ଦେଇ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ନିଜ ନିଜ ମଣ୍ଡପକୁ ଯିବେ। ମା'ଙ୍କ ଆବାହନର ପ୍ରଥମ ପର୍ଯ୍ୟାୟ ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଦୁର୍ଗାବଜାର, ପୋଥାଳ ସାହି, ବାଜି ଛକ, ସେନସାହି, ନୂଆଭୁବନ ମଝିସାହି, ବିପ୍ପ ମହାନ୍ତି ଛକ ସମେତ ଅଧିକାଂଶ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୩୪୧ ଆଶାୟୀ ପଞ୍ଜୀକୃତ



ଶିବିରରେ ଉପସ୍ଥିତ ଆଶାୟୀମାନେ।

**ଢେଙ୍କାନାଳ ଅଫିସ, ୨୬।୮**

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ଢେଙ୍କାନାଳ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଜର୍ଜ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଦର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୩୪୧ ଜଣ ଆଶାୟୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରେ ୧୪୭ ଅସ୍ଥିଶଲ୍ୟ, ୪୫ ଶ୍ରବଣ ସମସ୍ୟା, ୬୨ ମାନସିକ ବିକାରଗ୍ରସ୍ତ, ୪୫ ଦୃଷ୍ଟିବାଧିତ, ୧୪ ମେଡିସିନ, ୩ ଭିନ୍ନକ୍ଷମ ଭତ୍ତା, ୨୩ ବସ୍‌ପାସ୍ ଏବଂ ୨ଜଣ ଡିଆରଆଇ ଲୋନ୍ ପାଇଁ ପଞ୍ଜୀକୃତ ହୋଇଛନ୍ତି। ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ କାଳିନ୍ଦୀ ଚରଣ ବାରିକ, ବିଡିଓ ସୁଧୀର କୁମାର ନାୟକ, ଅତିରିକ୍ତ ବିଡିଓ ଗିରିଜା ଶଙ୍କର ବାରିକ ଉପସ୍ଥିତ ଥିଲେ। ଆକାଉଣ୍ଟସ୍ ଅଫିସର ସଞ୍ଜୟ କୁମାର ରାଉଳ, ମୁଖ୍ୟ କିରାଣି ସୂର୍ଯ୍ୟକାନ୍ତ ବରାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାଶିଷ ମହାପାତ୍ର, ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ନାରାୟଣ ଆଚାର୍ଯ୍ୟ, ଯୋଗାଣ ଅଧିକାରୀ ଅସିତ ଅମିତାଭ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତା ଦାସ, କନିଷ୍ଠ କିରାଣି ଲଲାଟେନ୍ଦୁ ସାହୁ, କୋଷାଧ୍ୟକ୍ଷ ପ୍ରଣବ ସାମଲ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଉତ୍ପାଦନ ବଢ଼ାଇବ ଉନ୍ନତ କୃଷି ଯନ୍ତ୍ରପାତି

**ଢେଙ୍କାନାଳ ଅଫିସ, ୨୬।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବରଦା ଗ୍ରାମରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ସମ୍ପର୍କିତ ଚାଷୀମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରାଣୀ ବିଜ୍ଞାନ ଓ ପ୍ରାଣୀ ସମ୍ପଦ ମହାବିଦ୍ୟାଳୟ ଅଧୀନ କୁକ୍କୁଟ ବିଜ୍ଞାନ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ଦାଶ, ଜିଲା ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ଡା. ତୁଷାର ରଞ୍ଜନ ସାହୁ, ସହକାରୀ କୃଷି ଅଧିକାରୀ ମାନସୀ ଦାସ, ସ୍ଥାନୀୟ କୃଷି ବିଜ୍ଞାନକେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ.ବିମଳେନ୍ଦୁ ମହାନ୍ତି, ପ୍ରାଣୀ ବିଜ୍ଞାନୀ ଡ. ରୋଶନୀବାଳା ନାୟକ ପ୍ରମୁଖ ଯୋଗଦେଇଥିଲେ। ଉନ୍ନତ କୃଷି ଯନ୍ତ୍ରପାତିର ଠିକ୍ ବ୍ୟବହାର ଉତ୍ପାଦନ ବଢ଼ାଇବାରେ ସହାୟକ ହେବ। ଏହାର ସୁଯୋଗ ନେବାକୁ ଅତିଥିମାନେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ବିକଶିତ ଉନ୍ନତ ଯୁଆଳି,



କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନଙ୍କ ମାର୍ଗଦର୍ଶନ କରାଯାଉଛି।

ବଳଦଟଣା ଘାସବଛା ଯନ୍ତ୍ର, ବଳଦଟଣା ଚାରିଧାଡ଼ିଆ ମାଣ୍ଡିଆ ମଞ୍ଜିବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ବହୁ ଉତ୍ସାହୀ ଚାଷୀ ଉପସ୍ଥିତ ଥିଲେ। ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ବଳଦଟଣା ଯନ୍ତ୍ରପାତିର ବ୍ୟବହାର, ଉପାଦେୟତା, ମରାମତି ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ମିଲେଟ୍ ମିଶନକୁ ସଫଳ କରିବା ଲାଗି ଏଭଳି ଅନେକ କୃଷି ଯନ୍ତ୍ରାଂଶ ବିକଶିତ କରାଯାଇଛି। ଚାଷୀଙ୍କ ସମସ୍ୟାର ସମାଧାନ ଲାଗି ଗବେଷଣା ଚାଲିଛି। ପ୍ରାଣୀ ସମ୍ପଦର ବିକାଶ ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ଅଗଣାରେ କୁକୁଡ଼ା ପାଳନ, ଧାଡ଼ି ରୁଆ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କୃଷିକ୍ଷେତ୍ରରେ ଉତ୍ପାଦନ ବୃଦ୍ଧିରେ ବିକଶିତ କୃଷି ଯନ୍ତ୍ରପାତି ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। ଏଥିରେ ରିହାତି ବ୍ୟବସ୍ଥା ରହିଛି। ବଳଦଟଣା ଉକ୍ତ କୃଷି ଉପକରଣ ବ୍ୟବହାର କଲେ ମାଟିର ଉର୍ବରତା ବଜାୟ ରହିବ। ଗୋବର ଖତ ପ୍ରୟୋଗରେ ମାଟିର ଉର୍ବରତା ବଢ଼ିବ। ଜିଲାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି।

## ବ୍ୟାଙ୍କ କ୍ୟାଶିୟର ହତ୍ୟା ମାମଲା
# ୪ ଅଭିଯୁକ୍ତ ନିର୍ଦ୍ଦୋଷ

**ଢେଙ୍କାନାଳ ଅଫିସ, ୨୬।୮**

ଢେଙ୍କାନାଳ ଜିଲା ରାସୋଳ ଥାନା ବେଡ଼ାପଡ଼ା ଗ୍ରାମରେ ୨୦୧୫ରେ ଘଟିଥିବା ବ୍ୟାଙ୍କ କ୍ୟାଶିୟର ମୁରଲୀଧର ସାମଲ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଓ ଜୌରାଜଜ୍ ସତ୍ୟପୀର ମିଶ୍ର ଏହାର ବିଚାର କରି ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବେଡ଼ାପଡ଼ା ଗ୍ରାମର ମୁରଲୀଧର ଅନୁଗୋଳ ଜିଲା ତୁବେ ଗ୍ରାମ୍ୟ ବ୍ୟାଙ୍କ ଶାଖାରେ କ୍ୟାଶିୟର ଭାବେ କାମ କରୁଥିଲେ। ଘଟଣାଦିନ ଅର୍ଥାତ୍ ୨୦୧୫ ମାର୍ଚ୍ଚ ୩ରେ ଲିଫ୍ଟ ଦେବା ଆଳରେ ତାଙ୍କୁ ୪ଜଣ ଅପହରଣ କରି ମୁଣ୍ଡଜାମିନ ରଖିଥିଲେ। ତାଙ୍କର ମୁକ୍ତି ପାଇଁ ପରିବାର ନିକଟରେ ୫ ଲକ୍ଷ ଟଙ୍କାର ଦାବି କରିଥିଲେ। ତେବେ ଧରାପଡ଼ିବା ଭୟରେ ଅଭିଯୁକ୍ତମାନେ ସଦର ଥାନା କାଶିଆଡ଼ିହ ନିକଟ ମଥୁରାନାଳି ଜଙ୍ଗଲରେ ମୁରଲୀଧରଙ୍କୁ ବୀଭତ୍ସ ଭାବେ ହତ୍ୟା କରି ପୋତି ଦେଇଥିଲେ। ମୃତକଙ୍କ ପରିବାର ଏ ସଂକ୍ରାନ୍ତରେ ରାସୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ମୃତଦେହକୁ ମାଟିତଳୁ ଜବତ କରିଥିଲା। କାଶିଆଡ଼ିହ ଗ୍ରାମର ତଥା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରେଲୱେ ଯନ୍ତ୍ରୀ ପ୍ରଦୀପ୍ତ ପ୍ରଧାନ, କୈଳାସ ଦେହୁରୀ, ପୀତବାସ ଦେହୁରୀ, ଶ୍ରୀକାନ୍ତ ମାଝିଙ୍କୁ ରାସୋଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପ୍ରମାଣ ଅଭାବରୁ ସେମାନଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉତ୍କଳ ଖଟୁଆ, ରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ମହାପାତ୍ର ମାମଲା ପରିଚାଳନା କରିଥିଲେ।

# ବଦଳିଲେ ଡିଇଓଙ୍କ କାର୍ଯ୍ୟାଳୟର ୨ କିରାଣି




**ଢେଙ୍କାନାଳ ଅଫିସ, ୨୬।୮**

**ଜନପ୍ରତିନିଧିଙ୍କ କ୍ଷୋଭ ପରେ କାର୍ଯ୍ୟାନୁଷ୍ଠାନ**

ଢେଙ୍କାନାଳ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରେ ଆଧିପତ୍ୟ ବିସ୍ତାର କରି ମନମୁଖି କାର୍ଯ୍ୟ ଚଳାଇଥିବା ଅଭିଯୋଗ ଆସିବା ପରେ ବିବାଦୀୟ ହୋଇପଡ଼ିଥିବା ୨ କିରାଣିଙ୍କୁ ଶୁକ୍ରବାର ବଦଳି କରାଯାଇଛି। କିରାଣି ହାଡ଼ିବନ୍ଧୁ ବେହେରାଙ୍କୁ ଓଡ଼ାପଡ଼ା ବିଇଓଙ୍କ କାର୍ଯ୍ୟାଳୟ ଏବଂ ଅକ୍ଷୟ ହୋତାଙ୍କୁ ହିନ୍ଦୋଳ ବିଇଓଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି।

ଡିଇଓଙ୍କ କାର୍ଯ୍ୟାଳୟରେ ଶିକ୍ଷକ ବଦଳିରେ ହେଉଥିବା ଅନିୟମିତତାରେ ସମ୍ପୃକ୍ତ ୨ କିରାଣିଙ୍କ ହାତ ରହିଥିବା ଅଭିଯୋଗ ହୋଇଥିଲା। ମନଇଚ୍ଛା ଶିକ୍ଷକ ବଦଳି ଯୋଗୁ ଜିଲାର ଅନେକ ସ୍କୁଲରେ ଶିକ୍ଷକ ସମସ୍ୟା ସୃଷ୍ଟି ହୋଇଛି। ସେହିପରି କେତେକ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ନିଯୁକ୍ତିରେ ଏପରି ଅସନ୍ତୁଳନ ଶିକ୍ଷାଦାନକୁ ପ୍ରଭାବିତ କରୁଛି ଏବଂ ଏଥିରେ ବ୍ୟାପକ ଅର୍ଥ କାରବାର ହେଉଥିବା ନେଇ ଗତ ୨୦ ତାରିଖରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏକ ବୈଠକରେ ଜିଲାର ମନ୍ତ୍ରୀ, ବିଧାୟକମାନେ ଡିଇଓଙ୍କୁ ଷଣ୍ଢଆସି ଆକ୍ରମଣ କରିଥିଲେ। ଦୁଇ କିରାଣି ଡିଇଓଙ୍କ ନାମରେ ଟଙ୍କା ଆଦାୟ କରୁଥିବାବେଳେ ଏଥିପାଇଁ କିଏ ଉତ୍ତରଦାୟୀ ବୋଲି ପ୍ରଶ୍ନ ପଚାରିଥିଲେ। ଏପରି କି ଡିଇଓ ସେମାନଙ୍କୁ ଅଣଦେଖା କରୁଥିବା କହି କ୍ଷୋଭବ୍ୟକ୍ତ କରିଥିଲେ। ତୁରନ୍ତ ଦୁଇ କିରାଣିଙ୍କୁ ଅନ୍ୟତ୍ର ବଦଳି କରିବାକୁ ଜନପ୍ରତିନିଧିମାନେ ଦାବି କରିଥିଲେ। ପରିସ୍ଥିତି ଗମ୍ଭୀର ହେବାରୁ ଜିଲାପାଳଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଜିଲା ଶିକ୍ଷାଧିକାରୀ ଜନପ୍ରତିନିଧିଙ୍କ ଅଭିଯୋଗର ତଦନ୍ତ କରି ଏହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହାପରେ ଉଭୟ କିରାଣିଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପ୍ୟାନେଲ ଲୟରଙ୍କୁ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୨୬।୮**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ୟାନେଲ ଲୟରଙ୍କୁ ନେଇ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ସତ୍ୟପୀର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଶିବିରରେ ସଚିବ ମମିତା ସାହୁ ଯୋଗଦେଇ ସୁପ୍ରିମ୍‌କୋର୍ଟଙ୍କ ଗିରଫ ଆଇନ ଏବଂ ବିଭିନ୍ନ ଚୂଡ଼ାନ୍ତ ରାୟ ସମ୍ପର୍କରେ ଅବଗତ କରାଇଥିଲେ।




ଏଥିସହ ପ୍ୟାନେଲ ଲୟରଙ୍କ କାର୍ଯ୍ୟ, ବିଭିନ୍ନ ସମସ୍ୟାର ସମାଧାନ କିପରି ହୋଇପାରିବ ସେ ନେଇ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ଫୌଜଦାରି ଓ ଦେୱାନୀ ଆଇନ ବିଷୟରେ ଆଲୋଚନା କରିଥିଲେ। ପ୍ୟାନେଲ ଲୟର ବିଧୁଭୂଷଣ ସାହୁ, ସଜିତ ସାହୁ, ହରେକୃଷ୍ଣ ଦାସ, ମାନସୀ ମହାପାତ୍ର ପ୍ରମୁଖଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

# ଜ୍ଞାନବିଜ୍ଞାନ ମେଳାରେ ପ୍ରତିଭା ପ୍ରଦର୍ଶନ

**କାମାକ୍ଷାନଗର, ୨୬।୮(ଡି.ଏନ୍.ଏ.)**

କାମାକ୍ଷାନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଇସିଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, ସରକାରୀ ହାଇସ୍କୁଲର ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରବୋଧ ମହାପାତ୍ର ଯୋଗଦେଇ କୁନି ପ୍ରତିଭାଙ୍କୁ ଉତ୍ସାହିତ କରାଇଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬ଟି ବିଭାଗରେ ୬୦୦ ଶିଶୁ ଜ୍ଞାନବିଜ୍ଞାନ ମେଳାରେ ଭାଗ ନେଇ ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍ଭିଦର ଅଙ୍ଗପ୍ରତ୍ୟଙ୍ଗ ଚିହ୍ନଟ, ବାୟୁ ପ୍ରଦୂଷଣ, ଆଲୋକର ଗତି, ଶକ୍ତି ସଞ୍ଚରଣ ଓ ସଂରକ୍ଷଣ, ସଂକ୍ରାମକ ରୋଗ ନମୁନା, ଖାଦ୍ୟଶୃଙ୍ଖଳ ନମୁନା ଏବଂ ନୂତନ ପ୍ରୟୋଗ, ଗଣିତ, ବିଜ୍ଞାନ ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ ରଥ, ବିଜ୍ଞାନ ଆଚାର୍ଯ୍ୟ କାମାକ୍ଷା ପ୍ରସାଦ ସାହୁ, ପ୍ୟାରୀମୋହନ ଦାଶ, ସୁନୀତା ସାହୁ, ମଳୟ ମଞ୍ଜରୀ ସାହୁ, ଜମ୍ବୁବତୀ ପ୍ରଧାନ, ସଂଯୁକ୍ତା ପୃଷ୍ଟି, ସୁଜାତା ଚିନ୍ନାରା, ସବିତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ବିଜ୍ଞାନମେଳାରେ ଅଂଶଗ୍ରହଣ କରିଥିବା ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ସରକାରୀ ଜମିରୁ ପାଚେରି ଉଚ୍ଛେଦ

**ପରଜଙ୍ଗ, ୨୬।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇସ୍ଥିତ ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ପ୍ରଦୂଷଣ ସଂକ୍ରାନ୍ତ ମାମଲାର ଯୁଗ୍ମ ତଦନ୍ତ ରିପୋର୍ଟରେ ସନ୍ତୁଷ୍ଟ ହୋଇନାହାନ୍ତି ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)। ପୁନର୍ବାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେବା ପରେ ତତ୍ପର ହୋଇଉଠିଛି ତହସିଲ୍ ପ୍ରଶାସନ। କମ୍ପାନୀ କର୍ତ୍ତୃପକ୍ଷ ମାଡ଼ି ବସିଥିବା ସରକାରୀ ଜମିକୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ଉକ୍ତ ଜମିରେ ନିର୍ମିତ ପାଚେରିକୁ ପୋଲିସ ଉପସ୍ଥିତିରେ ଭଙ୍ଗାଯାଇଛି। ଅନ୍ୟପଟେ ଏନ୍‌ଜିଟି ପ୍ରଦୂଷଣ ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରିବାକୁ କହିଥିବାବେଳେ ଜବରଦଖଲ ଉଚ୍ଛେଦ କରାଯିବାକୁ ନେଇ ସାଧାରଣରେ ଭିନ୍ନ ମତ ପ୍ରକାଶ ପାଇଛି। ତହସିଲ ପ୍ରଶାସନ କମ୍ପାନୀକୁ ସୁହାଇବା ଭଳି କାର୍ଯ୍ୟ କରୁଥିବା ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।



ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଏ ସଂକ୍ରାନ୍ତରେ ତହସିଲଦାର ଖଗେଶ୍ୱର ପାତ୍ର କୁହନ୍ତି, ଏନ୍‌ଜିଟିଙ୍କ ନିର୍ଦ୍ଦେଶକ୍ରମେ କମ୍ପାନୀ ଜବରଦଖଲରେ ଥିବା ସରକାରୀ ଜମିରେ ନିର୍ମିତ ପାଚେରିକୁ ଭଙ୍ଗାଯାଇ ଅକ୍ତିଆରକୁ ନିଆଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଟିମ୍ ପୁନର୍ବାର ଯାଞ୍ଚ କରି ଏହାର ରିପୋର୍ଟ ପ୍ରଦାନ କରିବେ। ତହସିଲ ପକ୍ଷରୁ କେବଳ ଜବରଦଖଲ ଉଚ୍ଛେଦ ସମ୍ପର୍କିତ ରିପୋର୍ଟ ଏନ୍‌ଜିଟିରେ ଦାଖଲ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ବିରୋଧରେ ପ୍ରଦୂଷଣ ଓ ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ ଆସିଥିଲା। ଏହାକୁ ନେଇ ଏନ୍‌ଜିଟିରେ ମାମଲା ରୁଜୁ କରାଯିବା ପରେ ଏହାର ତଦନ୍ତ ପାଇଁ ଯୁଗ୍ମ କମିଟି ଗଠନ କରାଯାଇଥିଲା। ତେବେ କମିଟି ଦାଖଲ କରିଥିବା ରିପୋର୍ଟରେ ସନ୍ତୁଷ୍ଟ ହୋଇନାହାନ୍ତି ଏନ୍‌ଜିଟି। ଏଥିସହ ମାତ୍ର

- ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ପ୍ରଦୂଷଣ ମାମଲା
- ଏନ୍‌ଜିଟିଙ୍କ ଅସନ୍ତୋଷ ପରେ ତହସିଲ ପ୍ରଶାସନ ତତ୍ପର

୧୧ ଲକ୍ଷ ୮୫ ହଜାର ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କାରଖାନା କାର୍ଯ୍ୟକ୍ଷମ କରିବା ଲାଗି ଦିଆଯାଇଥିବା ଅନୁମତିକୁ ମଧ୍ୟ ନାପସନ୍ଦ କରିଛନ୍ତି। ଏହାର ପୁନର୍ବାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରଜଙ୍ଗ ତହସିଲଦାରଙ୍କ କାର୍ଯ୍ୟରେ ଶିଥିଳତା ନେଇ ତାଗିଦ୍ କରିବା ସହ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲାପାଳଙ୍କୁ ସୁପାରିସ କରିଛନ୍ତି ଏନ୍‌ଜିଟି। ଏହାପରେ ତହସିଲ ପ୍ରଶାସନ ପକ୍ଷରୁ କମ୍ପାନୀ ବେଆଇନ ଭାବେ ମାଡ଼ି ବସିଥିବା ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୯ରେ ହେବ ବୋଲି ଜଣାପଡ଼ିଛି।

